# Akashvani, Sambalpur

# SAMBALPURI NEWS BULLETIN

## 3 March 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି          ଆର୍ଏନ୍ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ହେବା । ଭୁବ୍ନେଶ୍ୱର୍ ୟୁନିଟ୍ ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାଧାରଣ୍ ଲୁକ୍କର୍ ଭିନ୍ ଭିନ୍ ଅଭିଯୋଗ୍ର ଶୁଣାଣି କର୍ବେ । ଜନସାଧାରଣ୍ ଇଥିର୍ଲାଗି ସେମାନ୍କର୍ ପଞ୍ଜିକରଣ୍ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଆଉ ନିଜର୍ ଅଭିଯୋଗ୍ ପତ୍ର ସହେତେ ଜନଶୁଣାଣି ଲାଗି ଧାରିଜ୍ ସମିଆଥି ଉପସ୍ଥିତ୍ ରହେବାର୍ ଲାଗି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ରାସନ୍କାର୍ଡ଼ -ମନ୍ତ୍ରୀ          ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ସହରାଂଚଲ୍‌ର ୧୫ ହଜାର୍ ଆଉ ଗାଁ ଇଲାକାର୍ ମାସ୍‌କ ୧୦ ହଜାର୍ ଟଙ୍କା କମଉଥିବା ହିତାଧିକାରୀମାନେ ସେମାନ୍‌କର୍ ରାସନ୍‌କାର୍ଡ଼ ସାଙ୍ଗେସାଙ୍ଗ ଫିରାବାର୍ ଲାଗି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ପଞ୍ଜିକରଣ୍ ମୁଲ୍ ହେଲାଉତ୍‌ରୁ ପୋର୍ଟାଲ୍‌ଥି ଇହାଦେତକ୍ ଦେଢ଼୍ ହଜାର୍‌ନୁ ଅଏତ୍‌କା ହିତାଧିକାରୀ ଆବେଦନ୍ କରିଛନ୍ । ଇହାଦେତକ୍ ୮୦ ହଜାର୍ ଅଯୋଗ୍ୟ ହିତାଧିକାରୀ ରାସନ୍‌କାର୍ଡ଼ ଫିରେଇସାଏଲେନ ଆଉ ସେମାନ୍‌କର୍ ଭିତ୍‌ରୁ ୪ ହଜାର୍ ସର୍‌କାରୀ କର୍ମଚାରୀ ଅଛନ୍ ବଲି  ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ସୁଭଦ୍ରା ଶକ୍ତିମେଳା - ଉଦ୍‌ଯାପିତ        I&PR

ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ୯ ଦିନ୍ ଧରିକରି ଚାଲିଥିବା ସୁଭଦ୍ରା ଶକ୍ତିମେଳା -୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ମହୋତ୍ସବ୍‌ଥି ୩୦ ଟା ଜିଲ୍ଲାନୁ ୩ ଶହନୁ ଅଏତ୍‌କା ସ୍ୱୟଂ ସହାୟକ ଗୋଷ୍ଠୀ ନିଜର୍ ଉତ୍ପାଦିତ ଦରବ୍ ପ୍ରଦର୍ଶନ୍ କରିଥିଲେ । ଉଦ୍‌ଯାପନୀ ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି କହିଛନ୍, ରାଜ୍ୟ

ସର୍‌କାର୍‌ଙ୍କର୍ ମହିଲା କେନ୍ଦ୍ରିକ ଅର୍ଥନୀତି ଇହାଦେ ଗାଁ ଗାଁ ନ ପୁହୁଁଚିଛେ । ମହିଲାମାନେ ରାଜ୍ୟର୍ ଅର୍ଥନୀତିର୍ ଭବିଷ୍ୟତ୍‌ଥି ଭାଗିଦାର୍ ହେଇକରି ସମାଜ୍‌କେ ଆଗ୍‌କେ ନଉଛନ୍ । ସେନ୍ତା ଲକ୍ଷପତି ଦିଦି ଗଢ଼୍‌ବାର ଦିଗେ ଭିଲ୍ ମହିଲାମାନେ ସାହାଜ୍ କରୁଛନ୍ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ୯ ଟା ବର୍ଗଥି ୨୫ ଟା ଏସ୍‌ଏଚ୍‌ଜି ଆର୍ ପିଜି ମାନ୍‌କୁ ପୁରସ୍କୃତ୍ କରାଯାଇଥିଲା । ମେଳାଥି କଲାହାଣ୍ଡି ଏମ୍.ରାମ୍‌ପୁର୍‌ର ମା ବୈଷ୍ଣୋଦେବୀ ପିଜି ସବୁନୁ ଜହ ୬ ଲାଖ୍ ଟଙ୍କା ହସ୍ତତନ୍ତ ଦରବ୍ ବିକିକରି ୫୦ ହଜାର୍ ଟଙ୍କାର୍ ପୁରସ୍କାର୍ ପାଇଛେ । ଇ ଉତ୍ସବ୍ ସର୍‌ଲା ଉତ୍‌ରୁ ସମ୍ବଲ୍‌ପୁର୍ ଆର୍ ବଲାଙ୍ଗିର୍ ସହେତେ ରାଜ୍ୟର୍ ୫ ଟା ଜିଲ୍ଲା ନ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଆୟୋଜିତ ହେବା ।

ରମାଦେବୀ ମହିଲା ବିଶ୍ୱବିଦ୍ୟାଳୟ ଆର୍‌ଏନ୍‌ୟୁ/
ସମ୍ବଲପୁର

ମହିଲା ସଶକ୍ତିକରଣ୍ ଖାଲି ଗୁଟେ ସ୍ଲୋଗାନ୍ ନୁହେଁସେ ଇଟା ଗୁଟେ ପ୍ରକ୍ରିୟା ଆଏ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଅନ୍ତର୍ଜାତୀୟ ମହିଲା ଦିବସ୍ ଆଘୋନୁ ଗଲାକାଏଲ୍

ଭୁବ୍‌ନେଶ୍ୱର୍ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନ ହେଇଥିବା ଯୁବ ସମ୍ମିଳନୀଥି ଉପମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି ମହିଳା ସଶକ୍ତିକରଣ୍, ଯୌନ ଭିତିକ ହିଂସା, ରାଜନୀତିଥି ମହିଳାମାନ୍‌କର୍ ଭୂମିକା ଆଉ ଯୁବପିଢ଼ିଙ୍କର୍ କେରିୟର୍ ବାବ୍‌ଦେ ଛାତ୍ରୀମାନ୍‌କର୍ ସାଙ୍ଗେ ସିଧାସଲଖ୍ କଥା ହେଇଥିଲେ । ଯୁଆନ୍ ମାନ୍‌କର୍ ନିଷ୍ପତି ନେବାର୍ ସ୍ୱାଧୀନତା ଆର୍ ନିଜର୍ ଦକ୍ଷତା ଉପ୍‌ରେ ଆତ୍ମବିଶ୍ୱାସ୍ ମହିଳା ସଶକ୍ତିକରଣ୍‌କେ ଆହୁରି ବର୍‌କସ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ କହିଥିଲେ ।

ସଶକ୍ତ ପଂଚାୟତ୍ ନେତ୍ରୀ ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ପଂଚାୟତିରାଜ୍ ମନ୍ତ୍ରଣାଳୟ ତର୍‌ଫୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଆଏବା କାଏଲ୍ ପଂଚାୟତିରାଜ୍ ଅନୁଷ୍ଠାନ୍‌ର ନିର୍ବାଚିତ୍ ହେଇଥିବା ମହିଳା ପ୍ରତିନିଧି ମାନ୍‌କର୍ ଜାତୀୟ କର୍ମଶାଳା ହେବା । କର୍ମଶାଳାଥି ସଶକ୍ତ ପଂଚାୟତ୍ ନେତ୍ରୀ ଅଭିଯାନ୍ ମୁଲ୍ ହେବା । କେନ୍ଦ୍ର ପଂଚାୟତିରାଜ୍ ମନ୍ତ୍ରୀ ରାଜୀବ ରଞ୍ଜନ୍ ସିଂ, ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଯୁବ ବ୍ୟାପାର୍ ଆଉ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନିଖିଲ୍ ଖଡ଼୍‌ସେ,

ବିଭାଗୀୟ ବରିଷ୍ଠ ଅଧିକାରୀଙ୍କର୍ ସହେତେ ଅନ୍ତର୍ଜାତୀୟ ସଂଗଠନ୍‌ର ପ୍ରତିନିଧିମାନେ କର୍ମଶାଳାଥି ଭାଗ୍ ନେବେ ।

ଇକୋରିଟ୍ରିଟ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇକୋରିଟ୍ରିଟ୍-୨୦୨୪-୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଫି’ ବଛର୍ ବାଗିର୍ ଇ ବଛର୍ ଭିଲ୍ ଓଡ଼ିଶା ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଡିସେମ୍ବର୍ ୧ ତାରିଖ୍‌ନୁ ଇକୋ ରିଟ୍ରିଟ୍ ମୁଲ୍ ହେଇଥିଲା । ସମ୍ବଲ୍‌ପୁର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ୪ ମାସ୍ ଧରିକରି ଇକୋ ରିଟ୍ରିଟ୍ ଚାଲିଥିଲା । ଗଲାବଛର୍‌ଠାନୁ ଇ ବଛର୍ ଇକୋରିଟ୍ରିଟ୍‌ଥି ପର୍ଯ୍ୟଟକଙ୍କର୍ ସଂଖ୍ୟା ବହୁତ୍‌ଟେ ବଢ଼ିଛେ ବଲି ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅଙ୍ଗନବାଡ଼ି କର୍ମୀ ଆର୍ ସହାୟିକା ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ମହିଳା ଦିବସ୍ ପାଳନ୍ ଅବ୍‌ସରେ ସମ୍ବଲ୍‌ପୁର୍ ଜିଲ୍ଲା ସମାଜ୍ ମଙ୍ଗଲ୍ ବିଭାଗ୍ ତର୍‌ଫୁ ଅଙ୍ଗନବାଡ଼ି କର୍ମୀ ଆର୍ ସହାୟିକା ମାନ୍‌କୁ ନେଇକରି ଭିନ୍ ଭିନ୍ ପ୍ରତିଯୋଗିତା

ହେଇଯାଇଛେ । ପ୍ରତିଯୋଗିତାଥି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ସହେତେ ଜିଲ୍ଲାର୍ ୯ ଟା ବ୍ଲକ୍‌ନୁ ପ୍ରତିଯୋଗୀମାନେ ଭାଗ୍ ନେଇଥିଲେ । ଜିଲ୍ଲା ସମାଜ୍‌ମଙ୍ଗଲ୍ ଅଧିକାରୀ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଭିଲ୍ ଭିନ୍ ଭିନ୍ ବିଦ୍ୟାଲୟର୍ ଛାତ୍ରଛାତ୍ରୀମାନ୍‌କୁ ନେଇକରି ମହିଳା ସଶକ୍ତିକରଣ୍ ଉପ୍‌ରେ ପ୍ରତିଯୋଗିତା ମାନ୍ ହେଇଛେ ।

କଂଟାବାଞ୍ଜି ମାଟିର୍ ମହୋତ୍ସବ ହି.ସ.

ବଲାଙ୍ଗିର୍ ଜିଲ୍ଲା କଂଟାବାଞ୍ଜି ସହର୍ ରେଲ୍‌ବାଇ ଖେଲ୍‌ପଡ଼ିଆ ନ ଆଏବା ୧୦ ତାରିଖ୍‌ନୁ କଂଟାବାଞ୍ଜି ମାଟିର୍ ମହୋତ୍ସବ୍ ମୁଲ୍ ହେବା । ଇଥିର୍‌ଲାଗି ଆୟୋଜକ କମିଟି ତର୍‌ଫୁ ଶୁଭସ୍ତମ୍ଭ ଆଏଜ୍ ଥାପ୍‌ନା କରାଯାଇଛେ । ମହୋତ୍ସବ୍‌ଥି ରାଜ୍ୟ ଆଉ ରାଜ୍ୟବାହାରୁ କଲାକାର୍‌ମାନେ ଯୋଗ୍ ଦେଇକରି ନିଜର୍ କଲାର୍ ପ୍ରଦର୍ଶନ୍ କର୍‌ବେ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍  ହାଇଦ୍ରାବାଦ୍ ଶ୍ରୀନିଧି ଡେକେନ୍ସ ଆର୍ ଓଡ଼ିଶା ଫୁଟ୍‌ବଲ୍ ଏସୋସିଏସନ୍ ଭିତ୍‌ରେ ଫାଇନାଲ୍ ମେଚ୍ ହେବା । ଗଲାକାଏଲ୍ ଓଡ଼ିଶା ଆର୍ ପଶ୍ଚିମବଙ୍ଗ ମହିଳା ଫୁଟ୍‌ବଲ୍ ଦଲ୍ ଭିତ୍‌ରେ ଗୁଟେ ପ୍ରଦର୍ଶନୀ ମେଚ୍ ଖେଲାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାରା ରାଏଜେ ତାପମାତ୍ରା ବଢୁଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଇ ବଛର୍ ମାର୍ଚ୍ଚ ମାସ୍ ମୁଲ୍ ହଉନ୍‌ସାର୍ ତାପମାତ୍ରା ରେକର୍ଡ଼ ଭାଙ୍ଗିଛେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ବଲାଙ୍ଗିର୍ ନ ୩୮ ଦଶ୍‌ମିକ୍ ୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।